# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 6.05.2025

---

## ଆଇନମନ୍ତ୍ରୀ

ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କଠାରୁ ତଦନ୍ତ କମିଟିର ଅନ୍ତରୀଣ ରିପୋର୍ଟ ଗ୍ରହଣ କରିବା ପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଅନେକ ସ୍ଥାନରେ ଜଗନ୍ନାଥ ମନ୍ଦିର ଗୁଡ଼ିକରେ ପ୍ରଭୁଙ୍କ ନୀତିକାନ୍ତିରେ  ତାଳମେଳ ରହୁନାହିଁ । ଏ ନେଇ ଶ୍ରୀମନ୍ଦିର ପକ୍ଷରୁ ଖୁବ୍‌ଶୀଘ୍ର ମାର୍ଗଦର୍ଶିକା ଜାରି ହେବ । ମନ୍ତ୍ରୀ କହିଛନ୍ତି, ଦେଶରେ କେବଳ ୪ଟି ଧାମ ରହିଛି । ତେଣୁ କେବଳ ସେହି ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ‘ଧାମ’ଶବ୍ଦର ବ୍ୟବହାର ହୋଇପାରିବ ନାହିଁ । ଦୀଘା ମନ୍ଦିରରେ ଲେଖାହୋଇଥିବା ଜଗନ୍ନାଥ ଧାମକୁ ଶୀଘ୍ର ହଟାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହେବ । ସେହିଭଳି ସେବାୟତଙ୍କ ପାଇଁ ମଧ୍ୟ ମାର୍ଗଦର୍ଶିକା ଜାରି ହେବ ବୋଲି ଆଇନମନ୍ତ୍ରୀ କହିଛନ୍ତି ।

**V/O**

---

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରସ୍ଥିତ  ଧରଣୀଧର ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଅନ୍ତର୍ବିଭାଗ ଚିକିତ୍ସା ସେବା ଓ ଟ୍ରମା

କେୟାର ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ରାଜ୍ୟରେ ୫ ହଜାର ଡାକ୍ତର ପଦବୀ ପୂରଣ କରାଯିବ । ସେହିଭଳି ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ ଓ ନବରଙ୍ଗପୁରରେ ନୂଆ ମେଡ଼ିକାଲ କଲେଜ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଅନ୍ୟଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବନିର୍ମିତ କେନ୍ଦୁଝର ଟାଉନଥାନା ଗୃହ ଏବଂ ରିଜର୍ଭ ପୋଲିସ୍ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି । ଆଗାମୀ ଦିନରେ ରାଜ୍ୟରେ ୩୨ ହଜାର ପୋଲିସ୍ ପଦବୀ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କେନ୍ଦୁଝରରେ ଗତକାଲି ରଙ୍ଗବତୀ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଇଥିଲେ ।

---

# ହୋମ୍-ସିଭିଲ୍ ଡିଫେନ୍ସ

ଦେଶର ବେସାମରିକ ସୁରକ୍ଷା ସଂସ୍ଥାର ପ୍ରସ୍ତୁତି ନେଇ ସମୀକ୍ଷା କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡ଼ିକୁ ପରାମର୍ଶ ଦେଇଛି । ଏଥିପାଇଁ ଆସନ୍ତାକାଲି ମକ୍‌ଡ୍ରିଲ୍ କରିବାକୁ କୁହାଯାଇଛି । ଦେଶର ୨୪୪ଟି ଶ୍ରେଣୀଭୁକ୍ତ ବେସାମରିକ ସୁରକ୍ଷା ଜିଲ୍ଲାରେ ତୃଣମୂଳ ସ୍ତର ପର୍ଯ୍ୟନ୍ତ ଏହି ମକ୍‌ଡ୍ରିଲ୍ ଆୟୋଜନ କରିବାକୁ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି । ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ଆଜି ଏ ନେଇ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କ

ସହ ବୈଠକରେ ଯୋଗଦେବେ । ଶତ୍ରୁ ପକ୍ଷ ଆକ୍ରମଣ ସମୟରେ ନାଗରିକ ସୁରକ୍ଷା ଦିଗ ଉପରେ ପଦକ୍ଷେପ ନେବା ସହ ସାଧାରଣ ଜନତା ଏବଂ ଛାତ୍ରଛାତ୍ରୀଙ୍କୁ ଏ ନେଇ ପ୍ରଶିକ୍ଷଣ ପ୍ରଦାନ କରିବା ଏହି ମକ୍‌ଡ୍ରିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ।

---

## ବିମାନ ବନ୍ଦର

ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ଗ୍ରୀନ୍‌ଫିଲ୍‌ଡ ବିମାନ ବନ୍ଦର ପ୍ରସ୍ତାବକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳିଛି । ଏଥିପାଇଁ ରାଜ୍ୟ ସରକାର ୧ ହଜାର ୧୬୪ ଏକର ଜମି ଚିହ୍ନଟ କରିଛନ୍ତି ।

## ରାଜସ୍ୱ ଗ୍ରାମ

ରାଜ୍ୟରେ ଆସନ୍ତା ଜୁଲାଇ ମାସ ଶେଷ ସୁଦ୍ଧା ସମସ୍ତ ପ୍ରସ୍ତାବିତ ନୂତନ ରାଜସ୍ୱ ଗ୍ରାମ ଘୋଷଣା ଏବଂ ପ୍ରକ୍ରିୟା ଶେଷ କରିବାକୁ ବିଭାଗ ଉଦ୍ୟମ କରୁଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଏ ନେଇ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

---

## ମୁଖ୍ୟଶାସନ ସଚିବଙ୍କ ଗସ୍ତ

ମୁଖ୍ୟଶାସନ ସଚିବ ମନୋଜ କୁମାର ଆହୁଜା କୋରାପୁଟ ଜିଲ୍ଲା ଗସ୍ତ କରି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ନୂତନ ଭେଷଜ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ଆହୁଜା ଜିଲ୍ଲାରେ

ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ସେ ଭାରତମାଳା ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିଥିବା ଜଣାପଡ଼ିଛି ।

## ବୈଠକ

ବର୍ଷାଋତୁ ପୂର୍ବରୁ ନଦୀବନ୍ଧ ଯାଞ୍ଚ, ମକ୍‌ଡ୍ରିଲ୍ ଓ ଡ୍ରେନେଜ୍ ବ୍ୟବସ୍ଥାର ତଦାରଖ କରି ପଦକ୍ଷେପ ନେବାକୁ ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ବନ୍ୟାଋତୁ ପାଇଁ ପ୍ରସ୍ତୁତି ସଂପର୍କରେ ଅନୁଷ୍ଠିତ ପ୍ରାଥମିକ ସମୀକ୍ଷା ବୈଠକରେ ରାଜ୍ୟରେ ଥିବା ମଧ୍ୟମ ଓ ବୃହତ ଜଳଭଣ୍ଡାର ଗୁଡ଼ିକରେ ଜଳ ପରିଚାଳନା ନିମନ୍ତେ ହେଉଥିବା ମକ୍‌ଡ୍ରିଲ୍ ସଂପର୍କରେ ଆଲୋଚନା ହୋଇଥିଲା । ଏଥିରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

## ସିପିଇଟି

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୧୬ଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପି.ଜି. ପାଠ୍ୟକ୍ରମରେ ନାମଲେଖା ପାଇଁ କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ୍-ସିପିଇଟି ୨୦୨୫ ପ୍ରବେଶିକା ପରୀକ୍ଷା ଗତକାଲିଠାରୁ ଆରମ୍ଭ ହୋଇ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟେକ ଦିନ ୩ଟି ସିଟିଂରେ ପରୀକ୍ଷା ହେଉଛି ।

## ଥାଲାସେମିଆ ଚିକିତ୍ସା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବଡ଼ଡାକ୍ତରଖାନାରେ ଥାଲାସେମିଆ ରୋଗୀଙ୍କ ପାଇଁ ଆଶୁ ଚିକିତ୍ସା ବିଭାଗରେ ୧୦ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଓ୍ୱାର୍ଡ କାର୍ଯ୍ୟକ୍ଷମ

ହୋଇଛି । ସଂପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଏହି ୱାର୍ଡରେ ସକାଳ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ଥାଲାସେମିଆ ଆକ୍ରାନ୍ତ ରୋଗୀଙ୍କୁ ରକ୍ତ ଦିଆଯିବ । ଜିଲ୍ଲାରେ ପ୍ରାୟ ୫୦୦ରୁ ଅଧିକ ଥାଲାସେମିଆ ରୋଗୀ ଥିବା ବେଳେ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଗୁରୁତ୍ୱ ଦିଆଯାଉଥିବା ଏମ୍‌କେସିଜି ମେଡ଼ିକାଲ କଲେଜ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଚିତ୍ରା ଦାସ କହିଛନ୍ତି ।

---

## ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରେ ଦିନର ତାପମାତ୍ରା ହ୍ରାସ ପାଇଛି। ତେବେ ଆସନ୍ତା ଗୁରୁବାର ୮ ତାରିଖରୁ ତାପମାତ୍ରା ପୁଣି ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

---